### ୪ର୍ଥ ଅନ୍ତର୍ଜାତୀୟ ରେଡିଓ ମେଳା ଉଦ୍‌ଘାଟିତ

# ‘ରେଡିଓ’ର ଉଜ୍ଜ୍ୱଳ ଭବିଷ୍ୟତ ରହିଛି

**ଭୁବନେଶ୍ୱର,୧୨।୨/ଏନ୍‌ଏନ୍‌ଏସ୍:** ରେଡ଼ିଓର ପୁନର୍ଜନ୍ମ ହୋଇଛି। ବିଜ୍ଞାନ ପ୍ରଯୁକ୍ତିକରଣ ଯୋଗୁ ନୂଆ ନୂଆ ଡିଜାଇନ୍‌ର ରେଡ଼ିଓ ବାହାରିଲାଣି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ। ଆଉଟ୍‌ରିଚ୍ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ରେଡିଓ ଦିବସ ଅବସରରେ ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ୪ର୍ଥ ଅର୍ନ୍ତଜାତୀୟ ରେଡିଓ ମେଳା ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇ କହିଲେ, ରେଡିଓ ଯେଉଁ ମଣିଷକୁ ମଣିଷ ସହିତ ଯୋଡ଼ିବାର ଶକ୍ତି ରହିଛି, ତାହାର କୌଣସି ପଟ୍ଟାନ୍ତର ନାହିଁ। ନୂଆକରି ରେଡିଓର ବେସରକାରୀସ୍ତରରେ ଏଫ୍‌ଏମ୍ ଟେକ୍ନୋଲୋଜିର ଭରପୁର ସୁବିଧା ନେବାକୁ ହେବ। ଯୋଡ଼ିବା ପାଇଁ ଏହା ଏକ ବିରାଟ ବଡ଼ ମାଧ୍ୟମ। ରେଡିଓରେ ଜାତି, ଧର୍ମର କିଛି କଥା ନାହିଁ। ରେଡିଓ କେବଳ ମିଠା ମିଠା କଥା କହି ସମସ୍ତଙ୍କୁ ସମସ୍ତଙ୍କ ସହ ଯୋଡ଼େ। ଭଲ ସୂଚନା ଦେଇ ମଣିଷକୁ ସଚେତନ କରିବା ଏବଂ ଯୋଡ଼ିବାର ଏକ ପ୍ରକ୍ରିୟାରେ ରେଡିଓର କୌଣସି ବିକଳ୍ପ ନାହିଁ। ରେଡିଓର ଏକ ଉଜ୍ଜ୍ୱଳ ଭବିଷ୍ୟତ ରହିଛି ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ବିବିଧ ଭାରତୀର ବିଶିଷ୍ଟ ପ୍ରସାରକ କମଲ୍ ଶର୍ମା ଯୋଗ ଦେଇ କହିଲେ, ରେଡିଓ ଏକ ବହୁତ ସୁନ୍ଦର ଦୁନିଆ ଅଟେ। କାରଣ ଗୋଟିଏ ଷ୍ଟୁଡିଓରେ ବସିବାପରେ ପୁରା ଦୁନିଆର ସବୁ ସହର ଆମକୁ ଶୁଣିବାକୁ ପାଏ। ହୃଦୟକୁ ଯୋଡ଼ିବାରେ ଏହା ସହାୟ ହୋଇଥାଏ। ଗରିବ ଧନୀ ନ ଦେଖି ସମସ୍ତଙ୍କ ହୃଦୟରେ ରାଜ୍ କରେ। ଏହା ସହିତ ଶ୍ରୀ ଶର୍ମା ରେଡିଓ ଉପସ୍ଥାପନ ସମୟର ଅନେକ ଅନୁଭୂତି ବଖାଣିଥିଲେ।

ଅନୁଷ୍ଠାନର ମୁଖ୍ୟ ସୁବ୍ରତ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ମିର୍ ଶାହା ଆଲମ୍ ଅତିଥିଭାବେ ଯୋଗଦେଇଥିଲେ। ଆମେରିକାର ଜାତୀୟ ପ୍ରସାରଣ ନିଗମ ଭଏସ୍ ଅଫ୍ ଆମେରିକା, ଜାପାନ୍ ର ଏନ୍‌ଏଚ୍‌କେ ୱାର୍ଲ୍ଡ, ଚାଇନାର ରେଡିଓ ଇଣ୍ଟରନ୍ୟାସନାଲ୍ ଓ ବାଂଲାଦେଶର ବାଂଲାଦେଶ ବେତାର ଆଦି ଯୋଗ ଦେଇଛନ୍ତି। ଏହି ମେଳାରେ ଦେଶବିଦେଶର ରେଡ଼ିଓ ଶ୍ରୋତା, ପ୍ରସାରକ, ଯନ୍ତ୍ରୀ ଯୋଗ ଦେଇଥିଲେ। ଦେଶ ତଥା ରାଜ୍ୟର ବିଭିନ୍ନ ରେଡିଓ ଷ୍ଟେସନ ବ୍ୟତୀତ କିଛି ବିଦେଶୀ ରେଡିଓ ପ୍ରସାରଣ ସଂସ୍ଥା ଏଥିରେ ଯୋଗ ଦେଇଛନ୍ତି। ଏହି ମେଳା ଦେଶର ଏକମାତ୍ର ରେଡିଓ ମେଳା। ରେଡିଓର ପ୍ରଚାରପ୍ରସାର, ସାଂସ୍କୃତିକ ଭାବବିନିମୟ ଏବଂ ଯୁବବର୍ଗଙ୍କୁ ରେଡିଓ ପ୍ରତି ଆକୃଷ୍ଟ କରିବା ଏହି ମେଳାର ଉଦ୍ଦେଶ୍ୟ ବୋଲି ଶ୍ରୀ ପତି କହିଥିଲେ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଶହ ଶହ ସଂଖ୍ୟାରେ ନୂଆ ଓ ପୁରୁଣା ରେଡିଓ, ଗ୍ରାମଫୋନ୍, ପ୍ରସାରଣ ସାମଗ୍ରୀ ଆଦି ପ୍ରଦର୍ଶନୀରେ ଦେଖିବାକୁ ମିଳିଥିଲା। ଏହି ଅବସରରେ ବିଶିଷ୍ଟ ପ୍ରସାରକ କମଲ ଶର୍ମାଙ୍କୁ ‘ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ’, ରାଜସ୍ଥାନର ଆରଜେ ଦେବାଙ୍ଗନାଙ୍କୁ ‘ଲୋକପ୍ରିୟ ପ୍ରଚାରକ’, କଳାହାଣ୍ଡିର ଶ୍ରୋତା ସୁରେଶ ଅଗ୍ରୱାଲଙ୍କୁ ‘ରେଡିଓ ଶ୍ରୋତା’ଓ ଭୁବନେଶ୍ୱରର ସୋଆ ଏଫ୍‌ଏମ୍‌କୁ ‘ଶ୍ରେଷ୍ଠ କମ୍ୟୁନିଟି ରେଡ଼ିଓ’ ସମ୍ମାନ ଏବଂ ପଶ୍ଚିମବଙ୍ଗର ଆମେଚ୍ୟୁର ରେଡିଓ କନ୍‌ଫରେନ୍ସ ଓ କନ୍‌ଭେନ୍‌ସନ୍ ସମିତିକୁ ଲୋକସେବାରେ ରେଡିଓର ବ୍ୟବହାର ପାଇଁ ସମ୍ମାନିତ କରାଯିବ। ଏହି ମେଳା ୨ଦିନ ଧରି ଚାଲିବ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ‘ବେତାର ବାଣୀ’ ପତ୍ରିକା ଉନ୍ମୋଚିତ ହୋଇଥିଲା।




### ନିଶା ପୁରୁଣା ରେଡିଓ ଓ ରେକର୍ଡ ପ୍ଲେୟାର ସଂଗ୍ରହ କରିବା।

ଦେଶ ତଥା ଦେଶ ବାହାରୁ ସେ ସଂଗ୍ରହ କରି ରଖିଛନ୍ତି ବିଭିନ୍ନ ପ୍ରକାରର ରେଡିଓ। ୧୯୩୦-୩୫ ମସିହାରୁ ଆରମ୍ଭ



କରି ଏବେ ପର୍ଯ୍ୟନ୍ତ ଅନେକ ରକମର ରେଡିଓ ରହିଛି କଟକ ସୋମପୁରର ରାଧାକ୍ରୀଷ୍ଣ ରେଡିଓ ଓ ଗ୍ରାମଫୋନ୍ ସଂଗ୍ରାହାଳୟରେ। ଯେଉଁ ସବୁ ଜିନିଷ ମଣିଷଙ୍କ ମନରୁ ହଜିଗଲାଣି, ସେସବୁକୁ ଆଗାମୀ ପିଢ଼ିଙ୍କ ପାଇଁ ସାଇତି ରଖିବାକୁ ଚଳାଇଛନ୍ତି ଚେଷ୍ଟା। ସେ ହେଉଛନ୍ତି ସୋମପୁରର ସମୀରାଲି ଖାନ୍ ଓ ତାଙ୍କ ଭାଇ। ବାପାଙ୍କ ଅମଳରୁ ଏଭଳି ପ୍ରୟାସ ଜାରି ରଖିଛନ୍ତି ସେମାନେ। ସେ ସାଇତି ରଖିଛନ୍ତି ୬ଶହରୁ ଊର୍ଦ୍ଧ୍ୱ ପ୍ରକାରର ରେଡିଓ ଓ ରେକର୍ଡ ପ୍ଲେୟାର। ଓଡ଼ିଶା ବ୍ୟତୀତ କୋଲକାତା, ମୁମ୍ବାଇ ଆଦି ସ୍ଥାନରୁ ଏହି ସବୁ ରେଡିଓ ସଂଗ୍ରହ କରିଛନ୍ତି। ବହୁ ପୁରୁଣା ନ୍ୟାସନାଲ୍ ପାନାସୋନିକ୍, ସୋନି, ଜାପାନ୍‌ର ନିପନ୍ ଓ ବ୍ରିଟିଶ୍ ଅମଳରେ ସରକାର ସ୍କୁଲମାନଙ୍କରେ ଯୋଗାଇ ଦେଉଥିବା ରେଡିଓ ସାଇତି ରଖିଛନ୍ତି। ଏ ସମ୍ପର୍କରେ ସମୀରାଲି କୁହନ୍ତି, ପରିବାରରେ ଅମେ ସମସ୍ତେ ସଙ୍ଗୀତପ୍ରିୟ। ରେଡିଓର ଡିମାଣ୍ଡ ଧୀରେ ଧୀରେ କମି କମି ଗଲାଣି। ନୂତନପିଢ଼ିଙ୍କ ପାଖରେ ରେଡିଓ ପହଞ୍ଚିପାରିବ। ରେଡିଓ ଫେୟାର୍‌ରେ ବହୁ ଛାତ୍ରଛାତ୍ରୀ ଓ ବୟସ୍କ ବ୍ୟକ୍ତି ମଧ୍ୟ ଏସବୁକୁ ଦେଖିବାର ସୁଯୋଗ ପାଇପାରିବେ।

### ବାଇସ୍କୋପ୍‌ର ମଜା ନେଉଛନ୍ତି ଦର୍ଶକ

ରେଡିଓ ଫେୟାର୍‌ରେ ପୁରୁଣା ଭୁବନେଶ୍ୱରର ଏସ୍ କୁମାର ଭିନ୍‌ଟେଜ୍ ୱାର୍ଲ୍ଡ ପକ୍ଷରୁ ରେଡିଓ, ରେକର୍ଡ ପ୍ଲେୟାର, ଗ୍ରାମ୍‌ଫୋନ୍ ଭଳି ବହୁ ପୁରୁଣା ସାମଗ୍ରୀ ପ୍ରଦର୍ଶିତ କରାଯାଇଛି। ୧୯୮୮ ମସିହାର ବାଇସ୍କୋପ୍‌ରେ ଚିତ୍ର ଦେଖିବାର ମଜା ନେଇଥିଲେ ଦର୍ଶକ। ଖେଳନା ହେଉ ଅବା ରେଡିଓଗ୍ରାମ, ଗ୍ରାମଫୋନ୍, ରେକର୍ଡ ପ୍ଲେୟାରକୁ ଓଡ଼ିଶା ତଥା ଦେଶର ବିଭିନ୍ନ ସ୍ଥାନରୁ ସଂଗ୍ରହ କରୁଛନ୍ତି ସଞ୍ଜୀବ କୁମାର। ପ୍ରାୟ ୫ବର୍ଷ ହେବ ସେଭଳି ପ୍ରୟାସ ଜାରି ରଖିଛନ୍ତି। ଯୋଧପୁରରୁ ବାଇସ୍କୋପ୍ ଆଣି ତାକୁ ମଡେଲିଂ କରି ସେ ରେଡିଓ ଫେୟାର୍‌ରେ ପ୍ରଦର୍ଶନ କରିଛନ୍ତି। ଯାହାକୁ ଦେଖିବାପାଇଁ ଛୋଟ ପିଲାଙ୍କଠାରୁ ଆରମ୍ଭକରି ବୟସ୍କ ଲୋକଙ୍କ ଭିଡ଼ ଜମୁଛି। ପୁରୁଣା ଜିନିଷକୁ ଦେଖି ତାର ବ୍ୟବହାର ସମ୍ପର୍କରେ ଜାଣି ନିଆରା ଅନୁଭୂତି ସାଉଁଟୁଛନ୍ତି। ୨ୟ ପିଢିରେ ବ୍ୟବହାର କରାଯାଉଥିବା ଟେଲିଫୋନ୍ ମଧ୍ୟ ସେ ଯୋଧପୁରରୁ ଆଣି ସାଇତି ରଖିଛନ୍ତି। ତାଙ୍କ ପାଖରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ କିସମର ରେଡିଓ ଓ ବିଭିନ୍ନ ପୁରୁଣା ସାମଗ୍ରୀ ରହିଛି। ସବୁଠାରୁ ପୁରୁଣା ତଥା ୧୯୦୬ମସିହାରେ ବ୍ୟବହାର କରାଯାଉଥିବା ଗ୍ରାମଫୋନ୍‌କୁ ସଞ୍ଜୀବ ସଂଗ୍ରହ କରି ରଖିଛନ୍ତି। ଏହାକୁ ସେ କେରଳର କାଲିକଟ୍‌ରୁ ସଂଗ୍ରହ କରିଛନ୍ତି। ଏହା ସହିତ ୧୯୭୫ ମସିହାର ରେଡିଓଗ୍ରାମ୍ ମଧ୍ୟ ରଖିଛନ୍ତି। ମେଳାରେ ସଞ୍ଜୀବଙ୍କ ଦ୍ୱାରା ସଂଗୃହୀତ ଅତି ପୁରୁଣା ଜିନିଷ ସବୁ ଆକର୍ଷଣର କେନ୍ଦ୍ରବିନ୍ଦୁ



ପାଲଟିଛି। ଏସମ୍ପର୍କରେ ସଞ୍ଜୀବ କୁହନ୍ତି, ଏସବୁକୁ ସଂଗ୍ରହ କରିବା ମୋର ନିଶା। ରାଜ୍ୟ ତଥା ରାଜ୍ୟ ବାହାରୁ ମୁଁ ସଂଗ୍ରହ କରିଛି। ଆଗାମୀ ପିଢ଼ିଙ୍କ ପାଇଁ ଏସବୁ ଖୁବ୍ ଉପଯୋଗୀ ହେବ। ରେଡିଓ ଯୁଗ ନିଶ୍ଚିତଭାବେ ଫେରିଆସିବ।